# ପଶ୍ଚିମବଙ୍ଗରେ ଅମ୍ଫନ ନେଲା ୭୨ ଜୀବନ



କୋଲକାତା, ୨୧।୫/ଏଜେନ୍ସି : 

ସାମୁଦ୍ରିକ ଝଡ 'ଅମ୍ଫନ' ପଶ୍ଚିମବଙ୍ଗରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା ବେଳେ ରାଜଧାନୀ କୋଲକାତାକୁ ଏକପ୍ରକାର ଛାରଖାର କରିଦେଇଛି । ଏହି ମହାବାତ୍ୟା ପ୍ରଭାବରେ ରାଜ୍ୟରେ ୭୨ ଜଣଙ୍କ ପ୍ରାଣହାନି ଘଟିଛି ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି । କେବଳ କୋଲକାତାରେ ୧୫ ଜଣ ପ୍ରାଣ ହରାଇଛନ୍ତି । ଗଛପଡି, କାନ୍ଥଭୁଶୁଡି ଓ ବିଦ୍ୟୁତ୍ ଆଘାତରେ ଏଭଳି ମୃତ୍ୟୁ ଘଟିଛି । ମମତା କହିଛନ୍ତି, 'ମୁଁ ପୂର୍ବରୁ କେବେ ଏଭଳି ପ୍ରାକୃତିକ ବିପର୍ଯ୍ୟୟ

## ■ ମୃତକଙ୍କ ପରିବାର ପିଛା ଅଢେଇ ଲକ୍ଷ ଟଙ୍କା ସହାୟତା
## ■ ପରିସ୍ଥିତି ଅନୁଧ୍ୟାନ ପାଇଁ ମୋଦୀଙ୍କୁ ମମତାଙ୍କ ଅନୁରୋଧ

ଦେଖିନଥିଲି । ପ୍ରଧାନମନ୍ତ୍ରୀ ଆସି ପରିସ୍ଥିତି ଅନୁଧ୍ୟାନ କରିବାକୁ ମୁଁ ଅନୁରୋଧ କରୁଛି ।' ଏହି ଅବସରରେ ଜାତୀୟ ସଙ୍କଟ ପରିଚାଳନା କମିଟି (ଏନ୍‌ସିଏମ୍‌ସି) ପଶ୍ଚିମବଙ୍ଗ ଓ ଓଡ଼ିଶାର ବାତ୍ୟା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରି ପୁନର୍ଦ୍ଧାର କାର୍ଯ୍ୟ ପାଇଁ ସେଠାକୁ ବିଶେଷକରି କୋଲକାତାକୁ ଅତିରିକ୍ତ ଏନ୍‌ଡିଆରଏଫ୍ ଟିମ୍ ପଠାଇବାକୁ ନିଷ୍ପତ୍ତି ନେଇଛନନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମଧ୍ୟ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ପରିସ୍ଥିତି ସମ୍ପର୍କରେ ଆଲୋଚନା କରି କେନ୍ଦ୍ର ପକ୍ଷରୁ ଯଥା ସମ୍ଭବ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ଇତିମଧ୍ୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାର ପିଛା ଅଢେଇ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଦିଆଯିବ ବୋଲି ଘୋଷଣା କରିଛନ୍ତି । ଉଲ୍ଲେଖଯୋଗ୍ୟ ସାମୁଦ୍ରିକ ଝଡ ଅମ୍ଫନ ବୁଧବାର ଅପରାହ୍ନ ୨:୩୦ରେ ପଶ୍ଚିମବଙ୍ଗର ଦୀଘା ଓ ବାଂଲାଦେଶର ହତିୟା ମଧ୍ୟବର୍ତ୍ତୀ ଅଞ୍ଚଳରେ ଲ୍ୟାଣ୍ଡଫଲ୍ କଲାବେଳେ ସେଠାରେ ଏକ ପ୍ରକାର ପ୍ରଳୟ ସୃଷ୍ଟି ହୋଇଥିଲା । ରାଜ୍ୟର ଉତ୍ତର ଚବିଶ ପ୍ରଗଣା ଜିଲ୍ଲାର ହସ୍‌ନାବାଦ-ହିଙ୍ଗଲଗଞ୍ଜ ଅଞ୍ଚଳ ଛାରଖାର ହୋଇଯାଇଛି । ପ୍ରବଳ ବର୍ଷା ଯୋଗୁଁ ଇଛାମତୀ ନଦୀରେ ଆକସ୍ମିକ ଜଳପତ୍ତନ ବୃଦ୍ଧି ପାଇଁ ଏହାର ବନ୍ଧ ଭୁଶୁଡି ପଡିଛି । ଫଳରେ ସେହି ଅଞ୍ଚଳର ୫୦-୬୦ ଗ୍ରାମ ଜଳମଗ୍ନ ହୋଇଯାଇଛି । ହଜାର ହଜାର ଲୋକ ଗୃହଶୂନ୍ୟ ହୋଇ ରିଲିଫ୍ ଶିବିରରେ ଆଶ୍ରୟ ନେଇଛନ୍ତି । କୋଲକତା ମହାନଗରୀ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା ବେଳେ ଦମ୍‌ଦମ୍ ବିମାନବନ୍ଦରରେ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରବଳ ବର୍ଷାରେ ବିମାନବନ୍ଦରର ଜଳାର୍ଣ୍ଣବ ହୋଇଯାଇଛି । ଲକ୍‌ଡାଉନ୍ ଯୋଗୁଁ ଦେଶରେ ବିମାନ ଚଳାଚଳ ବନ୍ଦ ଥିଲା ବେଳେ ଆସନ୍ତା ୨୫ରୁ ପୁଣି ଘରୋଇ ବିମାନ ଚଳାଚଳ ଆରମ୍ଭ ହେବାକୁ ଥିବାବେଳେ ଏଭଳି ପରିସ୍ଥିତିରେ କୋଲକାତାରୁ ବିମାନ ଉଡାଣ ନେଇ ଅନିଶ୍ଚିତତା ଦେଖାଦେଇଛି । ଉଲ୍ଲେଖଯୋଗ୍ୟ ବୁଧବାର ମଧ୍ୟରାତ୍ରରେ ସାମୁଦ୍ରିକ ଝଡ ଅମ୍ଫନ ବାଂଲାଦେଶ ଉପକୂଳ ଦେଇ ଉତ୍ତର-ଉତ୍ତରପୂର୍ବ ଦିଗରେ ଗତି କରି କ୍ରମଶଃ ଦୁର୍ବଳ ହୋଇପଡିଥିଲା ବୋଲି ଭାରତୀୟ ପାଣିପାଗ ସୂତ୍ରରୁ ଜଣାପଡିଛି ।